# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**31 January - 2025**

**News Editor : *Tapan Kumar Moharana***

**********************************

## ମୁଖ୍ୟ ସମ୍ବାଦ

- ଆଧୁନିକ ଏବଂ ଆତ୍ମନିର୍ଭର କୃଷି ବ୍ୟବସ୍ଥା ସରକାରଙ୍କର ମୂଳ ଲକ୍ଷ୍ୟ; କହିଲେ, ରାଷ୍ଟ୍ରପତି

— ବଜେଟ୍ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ଗୃହକୁ ସମ୍ବୋଧନ କଲେ ରାଷ୍ଟ୍ରପତି

- ବିକଶିତ ଭାରତ ପାଇଁ ଯୁବଶକ୍ତି ଏକ ନିର୍ଭରଯୋଗ୍ୟ ମାନବ ସମ୍ବଳ; କହିଲେ, ପ୍ରଧାନମନ୍ତ୍ରୀ

- ଆସନ୍ତା ଆର୍ଥିକବର୍ଷରେ ଦେଶର ମୋଟ୍ ଘରୋଇ ଉତ୍ପାଦ ୬ ଦଶମିକ ୩ ରୁ ୬ ଦଶମିକ ୮ ପ୍ରତିଶତ ମଧ୍ୟରେ ରହିବ

ଏବଂ

- ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଶ୍ରାଚୀ ରାର ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଚାଲିଛି ମ୍ୟାଚ

# ବଜେଟ୍ ଅଧିବେଶନ

ଜାତୀୟ ଶିକ୍ଷାନୀତି ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଆଧୁନିକ ଶିକ୍ଷା ବ୍ୟବସ୍ଥା ପ୍ରସ୍ତୁତ କରାଯାଇଛି। ୧୩ଟି ଭାରତୀୟ ଭାଷାରେ ବିଭିନ୍ନ ନିଯୁକ୍ତି ପରୀକ୍ଷା କରାଯାଇ ଭାଷା ସମ୍ବନ୍ଧୀୟ ପ୍ରତିବନ୍ଧକକୁ ଦୂର କରିପାରିଛି ବୋଲି ବଜେଟ୍ ଅଧିବେଶନର ପ୍ରଥମ ଦିନରେ ସଂସଦର ଉଭୟ ଗୃହକୁ ସମ୍ବୋଧିତ କରି  ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି।

ପିଏମ୍-ସ୍ୱନିଧି ଯୋଜନାରେ ଅନେକ ବ୍ୟବସାୟୀ ଲାଭାନ୍ୱିତ ହେବା ସହ ସେମାନଙ୍କୁ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡା ଯାଇ ସେମାନଙ୍କ ବ୍ୟବସାୟ ବୃଦ୍ଧି ପାଇଁ ଅତିରିକ୍ତ ଋଣ ପ୍ରଦାନ କରାଯାଉଛି। ଡିଜିଟାଲ ଠକେଇ, ସାଇବର ଅପରାଧ ଏବଂ ଡିପ୍ ଫେକ୍ ଭଳି ପ୍ରଯୁକ୍ତିବିଦ୍ୟା ସାମାଜିକ, ଅର୍ଥନୈତିକ ଏବଂ ଜାତୀୟ ନିରାପତ୍ତା ପାଇଁ ବାଧକ ସୃଷ୍ଟି କରୁଥିବାବେଳେ ସମାନ ସମୟରେ ଯୁବବର୍ଗଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିଥିବା ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି।

ଭାରତରେ ଆଧୁନିକ ଏବଂ ଆତ୍ମନିର୍ଭର କୃଷି ବ୍ୟବସ୍ଥା ସରକାରଙ୍କ ମୂଳ ଲକ୍ଷ୍ୟ। କୃଷକଙ୍କୁ ଫସଲର ଉଚିତ୍ ମୂଲ୍ୟ ଦେବା ଏବଂ ଆୟ ବୃଦ୍ଧି ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବା ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି।

ଧରତୀଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଏବଂ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ଆଦିବାସୀ ସମାଜର କଲ୍ୟାଣକୁ ସରକାର

ପ୍ରାଥମିକତା ଦିଆଯାଉଛଇ। 'ଆମର ପାଣ୍ଡୁଲିପି ଆମର ଐତିହ୍ୟ' ଏହାର ବିଶାଳ ଜ୍ଞାନ ମାନବ ଜାତିର ଲାଭ ପାଇଁ ଅଧ୍ୟୟନ, ଗବେଷଣା ଏବଂ ବ୍ୟବହାର କରିବାର ଆବଶ୍ୟକତା ଅଛି। ଏହାର ସଂରକ୍ଷଣ ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିବା ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି।

ମହିଳାଙ୍କ ନେତୃତ୍ୱାଧୀନ ବିକାଶ ମାଧ୍ୟମରେ ଦେଶ ଆଜି ସଶକ୍ତ ହେଉଛି। ନାରୀଶକ୍ତି ବନ୍ଦନା ଆଇନ୍ ମାଧ୍ୟମରେ ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ସଂରକ୍ଷଣ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଷ୍ଟାର୍ଟଅପ୍, କ୍ରୀଡା, ଓ ମହାକାଶ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଯୁବପିଢ଼ି ଦେଶକୁ ଗର୍ବିତ କରୁଛନ୍ତି। 'ମାଇଁ ଭାରତ' ପୋର୍ଟାଲ ଜରିଆରେ ଲକ୍ଷ ଲକ୍ଷ ଯୁବକ-ଯୁବତୀ ରାଷ୍ଟ୍ର ନିର୍ମାଣ କାର୍ଯ୍ୟରେ ଯୋଡ଼ି ହେଉଛନ୍ତି।

ଡିଜିଟାଲ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଏକ ପ୍ରମୁଖ ବୈଶ୍ୱିକ ପ୍ରତିଯୋଗୀ ଭାବେ ନିଜର ଉପସ୍ଥିତି ଜାହିର କରୁଛି। ଡିଜିଟାଲ କାରବାର କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତି କିମ୍ବା ଗୋଷ୍ଠୀ ମଧ୍ୟରେ ସୀମିତ ହୋଇ ରହିନାହିଁ; ଏହାଦ୍ୱାରା ଛୋଟ ବ୍ୟବସାୟୀ ମଧ୍ୟ ଉପକୃତ ହେଉଛନ୍ତି। ଭାରତର ମେଟ୍ରୋ ରେଳ ନେଟ୍ୱର୍କ ଏବେ ୧ ହଜାର କିଲୋମିଟରର ମାଇଲ୍‌ଖୁଣ୍ଟ ଅତିକ୍ରମ କରିଛି।

କେନ୍ଦ୍ର ସରକାରଙ୍କ  ସଫଳତାକୁ ଅଭୂତପୂର୍ବ ବୋଲି ବିବେଚନା କରିବା ସହିତ ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତର ବିକାଶ ଯାତ୍ରାର ଏହି ଅମୃତ କାଳକୁ ନୂତନ ଶକ୍ତି ପ୍ରଦାନ କରିଛି।

କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତକୁ ଆଗକୁ ନେବାକୁ 'ଇଣ୍ଡିଆ ଏଆଇ ମିଶନ' ଆରମ୍ଭ କରାଯାଇଛି । ନ୍ୟାସନାଲ କ୍ୱାଣ୍ଟମ ମିଶନ ଜରିଆରେ ଭାରତ ଏହି ଜ୍ଞାନକୌଶଳରେ ଅଗ୍ରଣୀ ଦେଶ ମାନଙ୍କ ମଧ୍ୟରେ ନିଜକୁ ସ୍ଥାନିତ କରିବାରେ ସକ୍ଷମ ହୋଇଛି ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଛନ୍ତି ।

## ବଜେଟ୍ ଅଧିବେଶନ-ପିଏମ୍

ଯୁବଶକ୍ତିକୁ ନେଇ ଦେଶ ପରିଚାଳିତ ହେଉଛି। ବିକଶିତ ଭାରତ ପାଇଁ ଏହା ଏକ ନିର୍ଭରଯୋଗ୍ୟ ମାନବ ସମ୍ବଳ ବୋଲି ବଜେଟ୍ ଅଧିବେଶନର ପ୍ରଥମ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନାରୀଶକ୍ତି ଜାଗରଣ ଅଧୀନରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଦେଶର ପ୍ରତ୍ୟେକ ମହିଳାଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ଅତିବାହିତ କରିବା ପାଇଁ ଚଳିତ ବଜେଟ୍‌ରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ଶ୍ରୀ ମୋଦୀ କହିଛନ୍ତି। ସଂସ୍କାର, କାର୍ଯ୍ୟାନ୍ୱୟନ ଓ ପରିବର୍ତ୍ତନକୁ ସରକାର ବଜେଟ୍‌ରେ ବିଶେଷ ଧ୍ୟାନ ଦେବେ। ସାଧାରଣ ଲୋକଙ୍କ ସହଭାଗିତାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

ସଂସଦର ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି। ବିକଶିତ ଭାରତ ନିର୍ମାଣ ଦିଗରେ ଭାରତର ଯାତ୍ରା ପାଇଁ ଏହା ଏକ ବଳିଷ୍ଠ ଦୃଷ୍ଟିକୋଣ ବୋଲି ଶ୍ରୀ ମୋଦୀ

କହିଛନ୍ତି । ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଯୁବବର୍ଗଙ୍କ ଉନ୍ନତି ପାଇଁ ସର୍ବୋତ୍ତମ ସୁଯୋଗ ରହିଥିବା ପ୍ରସଙ୍ଗକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି ।

## ଅର୍ଥନୈତିକ ସର୍ଭେ

ଭାରତର ମୋଟ ଘରୋଇ ଉତ୍ପାଦ-ଜିଡିପି ଆସନ୍ତା ଆର୍ଥିକବର୍ଷ ୨୦୨୫-୨୬ରେ ୬ ଦଶମିକ ୩ ରୁ ୬ ଦଶମିକ ୮ ପ୍ରତିଶତ ମଧ୍ୟରେ ରହିବ ବୋଲି ଆଜି ସଂସଦରେ ଅର୍ଥନୈତିକ ସର୍ଭେ ରିପୋର୍ଟ ଉପସ୍ଥାପନ କରି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ଚଳିତ ଆର୍ଥିକବର୍ଷରେ ଦେଶର ବାସ୍ତବ ଅଭିବୃଦ୍ଧି ହାର ୬ ଦଶମିକ ୪ ପ୍ରତିଶତ ରହିଛି । ଖୁଚୁରା ମୁଦ୍ରାସ୍ଫୀତି ହାର ୨୦୨୪ ବର୍ଷରେ ଏପ୍ରିଲରୁ ଡିସେମ୍ବର ମାସ ମଧ୍ୟରେ ୪ ଦଶମିକ ୯ ପ୍ରତିଶତକୁ ହ୍ରାସ ପାଇଥିବା ରିପୋର୍ଟରେ କୁହାଯାଇଛି । ଭାରତର ବୈଦେଶିକ ମୁଦ୍ରା ଭଣ୍ଡାର ଡିସେମ୍ବର ୨୦୨୪ ଶେଷ ସୁଦ୍ଧା ୬୪୦ ଦଶମିକ ୩ ବିଲିୟନ୍ ଆମେରିକୀୟ ଡଲାର ରହିଥିଲା । ଯାହାକି ମୋଟ୍ ବୈଦେଶିକ ଋଣ ଚୁକ୍ତିର ୯୦ ପ୍ରତିଶତ ରହିଛି । ଅନ୍ତରୀଣ ଅଭିବୃଦ୍ଧି ସମ୍ଭାବନାକୁ ସୁଦୃଢ଼ କରିବା ପାଇଁ ତୃଣମୂଳ ସ୍ତରରେ ପଦକ୍ଷେପ ନିଆଯାଉଥିବା ସର୍ଭେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି ।

ପୁଞ୍ଜି ବଜାରରେ ମୋଟ୍ ପୁଞ୍ଜି ଓ ମୋଟ୍ ଘରୋଇ ଉତ୍ପାଦର ଅନୁପାତ ଡିସେମ୍ବର ୨୦୨୪ ଶେଷ ସୁଦ୍ଧା ୧୩୬ ପ୍ରତିଶତ ରହିଛି ।

ଆତ୍ମନିର୍ଭର ଭାରତକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ୫୦ ହଜାର କୋଟି ଟଙ୍କାର ଆତ୍ମନିର୍ଭର ଭାରତ ଫଣ୍ଡ୍ ଆରମ୍ଭ କରାଯାଇଛି । ବେରୋଜଗାରୀ ହାର ୨୦୨୩-୨୪ ଆର୍ଥିକବର୍ଷରେ ୩ ଦଶମିକ ୨ ପ୍ରତିଶତକୁ ହ୍ରାସ ପାଇଛି । ସମାଜରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରତିକୂଳ ପ୍ରଭାବକୁ ପ୍ରତିହତ କରିବା ପାଇଁ ସରକାର ଘରୋଇ କ୍ଷେତ୍ର ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ବ୍ୟାପକ ସହଭାଗିତାର ଆବଶ୍ୟକତା ଉପରେ ସର୍ଭେ ରିପୋର୍ଟରେ ପରାମର୍ଶ ଦିଆଯାଇଛି ।

କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକଳାପ ଭାରତୀୟ ଅର୍ଥନୀତିର ମେରୁଦଣ୍ଡ । ଉତ୍ପାଦକତା ଏବଂ ଫସଲ ବିବିଧତାକୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ଦ୍ୱାରା ଭାରତର କୃଷି କ୍ଷେତ୍ର ୨୦୧୭ରୁ ୨୦୨୩ ଆର୍ଥିକବର୍ଷ ମଧ୍ୟରେ ହାରାହାରି ୫ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରାଯାଇଥିବା ଅର୍ଥମନ୍ତ୍ରୀ କହିଛନ୍ତି ।

## ବଜେଟ୍ ପ୍ରତିକ୍ରିୟା

ବଜେଟ୍‌ର ରୂପରେଖ ଏବଂ ବଜେଟ୍‌କୁ ନେଇ ବିଶେଷଜ୍ଞ, ଅର୍ଥନୀତିଜ୍ଞ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ବହୁ ଆଶା ଓ ଆକାଂକ୍ଷା ଦେଖା ଦେଇଛି । ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ସମାଜର ବିଭିନ୍ନ ବର୍ଗର ଲୋକଙ୍କଠାରୁ ପ୍ରାକ୍ ବଜେଟ୍ ପ୍ରତିକ୍ରିୟା ସଂଗ୍ରହ କରାଯାଇଛି । ଏ ନେଇ କୋରାପୁଟ ଜିଲ୍ଲାର ରଞ୍ଜିତା ନାୟକ କହିଛନ୍ତି...

**- V/O –**

## ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ

**ଭଦ୍ରକ** ଜିଲ୍ଲା ଧାମନଗର ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦଇ ଗଠନମୂଳକ ସମ୍ବାଦ ସଂଗ୍ରହ କରିବା ସହିତ ସତ୍ୟ, ନିରପେକ୍ଷ ସମ୍ବାଦ ପରିବେଷଣ କରିପାରିଲେ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି କହିଥିଲେ।

## ସଡକ ସୁରକ୍ଷା ମାସ

**ନବରଙ୍ଗପୁର** ଜିଲ୍ଲା ଆଂଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ଗତ ୧ ମାସ ଧରି ଚାଲିଥିବା ସଡକ ସୁରକ୍ଷା ମାସ ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକ ଗୌରୀଶଙ୍କର ମାଝୀ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଦୁର୍ଘଟଣା ନ ଘଟିବା ପାଇଁ ସଚେତନତା ଓ ସତର୍କତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ନବରଙ୍ଗପୁର ଜିଲ୍ଲାରେ ଗତବର୍ଷ ସଡକ ଦୁର୍ଘଟଣାରେ ୧୫୯ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।

## ଦୁର୍ଘଟଣା

**ବରଗଡ଼** ଜିଲ୍ଲା ସୋହେଲା-ପଦ୍ମପୁର ରାସ୍ତାର ମହୁଲପାଲି ବ୍ରିଜ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ଘଟିଛି। ବାଇକ୍‌ରେ ୩ ଜଣ ଆସୁଥିବାବେଳେ ବାଇକ୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ମୃତକମାନେ ପଦ୍ମପୁର ଥାନା ବାଜେନମୁଣ୍ଡା ଗ୍ରାମର ବୋଲି ଜଣାପଡିଛି।

## ସ୍କାଉଟ୍ ଓ ଗାଇଡସ୍ ଶିବିର

**ଢେଙ୍କାନାଳ** ଜିଲ୍ଲା ହିନ୍ଦୋଳ ବ୍ଲକ୍ ଜରଡା ଗ୍ରାମପଞ୍ଚାୟତର ନବପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରତ ସ୍କାଉଟ୍ ଓ ଗାଇଡସ୍‌ର ୩ ଦିନିଆ ୩୭ତମ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ସ୍କାଉଟ୍ ଓ ଗାଇଡସ୍ ଶିବିରର ବହୁମୁଖୀ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ।

## ସଚେତନତା ଶିବିର

**ନବରଙ୍ଗପୁର** ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଏକ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଭାଟି ଶାଳଗୁଡା ଶାନ୍ତି ସଦନଠାରେ ତୃତୀୟଲିଙ୍ଗୀମାନଙ୍କୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ ଜନହିତକାରୀ ସରକାରୀ ଯୋଜନା ଓ ସେମାନଙ୍କର ଅଧିକାର ଉପରେ ଆଲୋଚନା ହୋଇଥିଲା।

## ସଂକ୍ଷିପ୍ତ କିଛି ଖବର

ରାଜ୍ୟରେ ମହିଳା ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପଞ୍ଚାୟତ ସ୍ତରରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ-ପିଇଓଙ୍କୁ ଦାୟିତ୍ୱ ଦିଆଯାଇଛି। ବାଲ୍ୟବିବାହ ନିଷେଧ ସହିତ ମହିଳା ଓ ଶିଶୁମାନଙ୍କୁ ସହାୟତା ଦେବା ପାଇଁ ସରକାର ପିଇଓମାନଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି।

ଗଞ୍ଜାମ ଜିଲ୍ଲା ଆଂଚଳିକ ପରିବହନ ପ୍ରାଧିକରଣ ସଂସ୍ଥା ପକ୍ଷରୁ ଗତ ୧ ମାସ ଚାଲିଥିବା ସଡକ ସୁରକ୍ଷା ମାସ ଆଜି ଉଦ୍‌ଯାପିତ ଅବସରରେ ଦୁର୍ଘଟଣା ହ୍ରାସ ନିମନ୍ତେ ସଚେତନତା ସୃଷ୍ଟି କରିବା ନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ସମେତ ଜିଲ୍ଲାର ଅନ୍ୟ ଅଧିକାରୀମାନେ ଗୁରୁତ୍ୱ ଆରୋପ କରିଥିଲେ।

କେନ୍ଦ୍ରାପଡା ଜିଲ୍ଲା ସଡକ ସୁରକ୍ଷା ସମିତି ପକ୍ଷରୁ ଆଜି ଆୟୋଜନ କରାଯାଇଥିବା ଉଦ୍‌ଯାପନୀ ଉତ୍ସବରେ ଆଂଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ ଏବଂ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ ସଡକ ସୁରକ୍ଷା ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ।

ସୁବର୍ଣ୍ଣପୁର ଜିଲ୍ଲାରେ ଚାଲିଥିବା ସଡକ ସୁରକ୍ଷା ମାସର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଏକ ଶୃଙ୍ଖଳିତ ସମାଜ ଓ ଅର୍ଥନୈତିକ ବିକାଶର ପ୍ରତିଫଳନ ପାଇଁ ସଡକ ସୁରକ୍ଷା ସମ୍ବନ୍ଧିତ ସଚେତନତା ବାର୍ତ୍ତା ଦିଆଯାଇଥିଲା।

## ହକି

ରାଉରକେଲାର ବିର୍ସାମୁଣ୍ଡା ଆନ୍ତର୍ଜାତିକ ହକି ଷ୍ଟାଡିୟମରେ ହକି ଇଣ୍ଡିଆ ଲିଗ୍‌ର ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ ଶ୍ରାଚୀ ରାର୍ ବେଙ୍ଗଲ ଟାଇଗର୍ସ ଓ ତାମିଲନାଡୁ ଡ୍ରାଗନ୍ସ ମଧ୍ୟରେ ଜାରି ରହିଛି।

ଦ୍ୱିତୀୟ ମ୍ୟାଚ୍ ରାତି ୮ଟା ୧୫ ମିନିଟ୍‌ରେ  ଜେ.ଏସ୍.ଡବ୍ଲୁ. ସୁର୍‌ମା ହକି କ୍ଲବ୍’ ଏବଂ ହାଇଦ୍ରାବାଦ ତୁଫାନ୍ସ ମଧରେ ଖେଳାଯିବ।